# ଓଡିଶା ସରକାର
# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

****

**No.RDM-LAA-KPD-0008-2024-** 40454 **/R&DM, Dated** 20 NOV 2024

**ସାମାଜିକ ପ୍ରଭାବ ନିର୍ଦ୍ଧାରଣ ନିମନ୍ତେ ଅଧିସୂଚନା**

ରାଜ୍ୟ ସରକାର ପ୍ରଭାବିତ କ୍ଷେତ୍ର ଜିଲ୍ଲାପାଳ, କେନ୍ଦ୍ରାପଡ଼ା ଙ୍କ ପରାମର୍ଶ କ୍ରମେ ନିମ୍ନଲିଖିତ ଭୂମି ଅଧିଗ୍ରହଣ କରିବାକୁ ଚାହୁଁଛନ୍ତି ଏବଂ ସେଥି ନିମନ୍ତେ ସର୍ବ ସାଧାରଣ ଉଦ୍ଦେଶ୍ୟରେ ପ୍ରଭାବିତ ଅଞ୍ଚଳରେ ସାମାଜିକ ପ୍ରଭାବ ନିର୍ଦ୍ଧାରଣ (Social Impact Assessment) ସର୍ବେକ୍ଷଣ କରିବାକୁ ଚାହୁଁଛନ୍ତି । ଭୂମି ଅର୍ଜନ, ପୁନର୍ବାସ ଓ ଥାଇଥାନରେ ଉଚିତ ମୂଲ୍ୟ ଏବଂ ସ୍ୱଛତା ଅଧିକାର ଆଇନ ୨୦୧୩ ର ଧାରା ୪(୧) ଅନୁଯାୟୀ ଉକ୍ତ ସର୍ବେକ୍ଷଣ କରାଯିବ ।

**୧.ପ୍ରକଳ୍ପ ବିକାଶକାରୀଙ୍କ ନାମ:-** ଅଧିକ୍ଷଣ ଯନ୍ତ୍ରୀ, ଡ୍ରେନେଜ ଡିଭିଜନ, କେନ୍ଦ୍ରାପଡ଼ା ।

**୨.ପ୍ରସ୍ତାବିତ ଭୂମି ଅଧିଗ୍ରହଣ ର ଉଦ୍ଦେଶ୍ୟ:-** ଅଶୁଖଳା ନାଳର ଆର.ଡି.୫୦.୦୦ କି.ମି. ରୁ ଆର.ଡି.୫୪.୯୨ କି.ମି. ପର୍ଯ୍ୟନ୍ତ ଉନ୍ନତି କରଣ ।

**୩.SIA ସର୍ବେକ୍ଷଣ ଅନୁଷ୍ଠାନ:-** M/s.VISIONTEK, Bhubaneswar under Nabakrushna Choudhary Centre for Development Studies, Bhubaneswar .

**୪.SIA study କରୁଥିବା ଅନୁଷ୍ଠାନର ଯୋଗାଯୋଗ ସୂଚନା:-** Nabakrushna Choudhary Centre for Development Studies, Bhubaneswar,Pin-751001 Phone No.06742300471, 2301094

**୫. ପ୍ରକଳ୍ପ ପାଇଁ କେନ୍ଦ୍ରାପଡ଼ା ଜିଲ୍ଲାରେ ପ୍ରସ୍ତାବିତ ଭୂମି ଅଧିଗ୍ରହଣର ବିବରଣୀ /ତଫସିଲ**

| କ୍ରମିକ ନଂ | ତହସିଲ | ଗ୍ରାମ | ବେସରକାରୀ ଜମି | ମନ୍ତବ୍ୟ |
|---|---|---|---|---|
| ୧ | ଗରଦପୁର | କହଣା | ଏ ୦.୮୨୦ | |
| ୨ | ଗରଦପୁର | ଆଲିଜଙ୍ଗା | ଏ ୦.୩୮୦ | |
| ୩ | ଗରଦପୁର | ରାଇସର | ଏ ୦.୯୩୦ | |
| ୪ | ଗରଦପୁର | ଶଙ୍କରଭୋଳ | ଏ ୩.୯୦୦ | |
| ୫ | ଗରଦପୁର | ପୁରୁଣା ଗୋପୀନାଥପୁର | ଏ ୨.୦୩୦ | |

| | | | | |
|---|---|---|---|---|
| ୬ | ଗରଦପୁର | ନେଦାଲୋ | ଏ ୦.୮୩୦ | |
| | | | ଏ ୮.୮୯୦ | |

ଏଥି ସହିତ ଭୂମି ଅନୁସୂଚୀ ସଂଲଗ୍ନ କରାଯାଇଅଛି ।

**(କ) ପ୍ରସ୍ତାବିତ ପ୍ରକଳ୍ପ ର ସଂକ୍ଷିପ୍ତ ବିବରଣୀ:-** କେନ୍ଦ୍ରାପଡ଼ା ଜିଲ୍ଲା ଗରଦପୁର ତହସିଲ ଅନ୍ତର୍ଗତ ଅଶୃଖଳା ନାଳର ଆର.ଡି.୫୦.୦୦ କି.ମି. ରୁ ଆର.ଡି.୫୪.୯୨ କି.ମି. ପର୍ଯ୍ୟନ୍ତ ଉନ୍ନତି କରଣ ନିମନ୍ତେ ଅଧିକ୍ଷଣ ଯନ୍ତ୍ରୀ, ଡ୍ରେନେଜ ଡିଭିଜନ, କେନ୍ଦ୍ରାପଡ଼ା ଙ୍କ ଦ୍ୱାରା ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

**(ଖ)SIA ସର୍ବେକ୍ଷଣରେ ଅନ୍ତର୍ଭୁକ୍ତ ପ୍ରକଳ୍ପ ଅଞ୍ଚଳ ଏବଂ ପ୍ରକଳ୍ପ ପ୍ରଭାବିତ ଅଞ୍ଚଳ** :- କେନ୍ଦ୍ରାପଡ଼ା ଜିଲ୍ଲା ରେ ଉପରୋକ୍ତ ୬ ଗୋଟି ମୌଜା ରେ **ଏ. ୮.୮୯୦** ଘରୋଇ ଜମି ଅନ୍ତର୍ଭୁକ୍ତ । ପ୍ରକଳ୍ପ ପ୍ରଭାବିତ ଜମିର ବିସ୍ତୃତ ତାଲିକା/ତଫସିଲ SIA ସର୍ବେକ୍ଷଣ ଅନ୍ତେ ମିଳି ପାରିବ ।

**(ଗ)** ଗ୍ରାମସଭା / ଭୂମି ମାଲିକଙ୍କ ସହମତି ଆବଶ୍ୟକ କି ? ଯଦି ଏହି ଅଧିଗ୍ରହଣ ଘରୋଇ କମ୍ପାନୀଙ୍କ ପାଇଁ ହେଉଥାଏ ତେବେ ୮୦ ପ୍ରତିଶତ ପ୍ରଭାବିତ ପରିବାରଙ୍କ ପୂର୍ବସମ୍ମତି ଆବଶ୍ୟକ ପଡ଼ିବ ଏବଂ ଯଦି ସରକାରୀ ବେସରକାରୀ ଭାଗିଦାରୀ ପ୍ରକଳ୍ପ ନିମନ୍ତେ ଏହି ଅଧିଗ୍ରହଣ ହେଉଥାଏ ତେବେ ୭୦ ପ୍ରତିଶତ ପ୍ରଭାବିତ ପରିବାରଙ୍କ ପୂର୍ବସମ୍ମତି ଆବଶ୍ୟକ ପଡ଼ିବ ।

(ଘ )SIA ସର୍ବେକ୍ଷଣର ପ୍ରାଥମିକ ଉଦ୍ଦେଶ୍ୟ ଏବଂ ମୁଖ୍ୟ କାର୍ଯ୍ୟାବଳୀ:- ସର୍ବସାଧାରଣ ଉଦ୍ଦେଶ୍ୟ ନିର୍ଦ୍ଧାରଣ ପ୍ରଭାବିତ ଅଞ୍ଚଳରେ ଥିବା ସମସ୍ତ ଗ୍ରାମବାସୀ ଙ୍କ ପରାମର୍ଶ କ୍ରମେ SIA ସର୍ବେକ୍ଷଣ କରାଯିବ। SIA ସର୍ବେକ୍ଷଣ କ୍ଷେତ୍ର ପରିଦର୍ଶନ, ପ୍ରଭାବିତ ବ୍ୟକ୍ତିଙ୍କ ସାମୁହିକ ଆଲୋଚନା ଏବଂ ପ୍ରଭାବିତ ବ୍ୟକ୍ତିଙ୍କ ମତାମତ ଚୁଡାନ୍ତ ରିପୋର୍ଟ ରେ ସ୍ଥାନିତ ହେବ। ପ୍ରଭାବିତ ଅଞ୍ଚଳରେ ଜନଶୁଣାଣି ପ୍ରକ୍ରିୟା ନିମନ୍ତେ ଓଡିଶା ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ନିଯମାବଳୀ ୨୦୧୬ ର ନିୟମ-୧୪ ଦ୍ରଷ୍ଟବ୍ୟ।

(ଙ)SIA ସର୍ବେକ୍ଷଣ ଆରମ୍ଭ ଏବଂ ସମାପନ ରିପୋର୍ଟ ପ୍ରଦାନ ଏବଂ ତାହାର ପ୍ରକାଶନ ସରକାରୀ ବିଜ୍ଞପ୍ତି ପ୍ରକାଶିତ ଦିବସଠାରୁ ୪୫ ଦିନ ମଧ୍ୟରେ SIA ସର୍ବେକ୍ଷଣ ସମାପନ କରାଯିବ। SIA ସର୍ବେକ୍ଷଣ ରିପୋର୍ଟ ସମ୍ପୃକ୍ତ ପ୍ରଭାବିତ ପଞ୍ଚାୟତ /ଗ୍ରାମ/ୱାର୍ଡ ସ୍ତରରେ ସ୍ଥାନୀୟ ଭାଷାରେ ପ୍ରକାଶନ କରାହେବ । ତତସହିତ ଜିଲ୍ଲାପାଳ, ଉପଜିଲ୍ଲାପାଳ ଏବଂ ବ୍ଲକ ମହକୁମାରେ ପ୍ରକାଶନ କରାଯିବ ଏବଂ ସର୍ବସାଧାରଣଙ୍କ ଗୋଚରାର୍ଥେ ସରକାରଙ୍କ ୱେବ ସାଇଟ ରେ ସୂଚିତ ହେବ ।

ରାଜ୍ୟ ପାଳଙ୍କ ଆଦେଶାନୁସାରେ

୮/୧୧/୨୦୨୨

(ସୁରଞ୍ଜନ ପ୍ରଧାନ)

ଅତିରିକ୍ତ ଶାସନ ସଚିବ

Memo No. 40455 /Rev & DM, Dated 20 NOV 2024

Copy along with the land schedule forwarded to the Director, Printing Stationery, Odisha, Cuttack for information and necessary. He is requested to publish the Notification in the next issue of the Odisha Gazette as this is a statutory one.

SRO Number may be allotted to this publication.

19.11.2024
Joint Secretary to Government

Memo No. 40456 /Rev & DM, Dated 20 NOV 2024

Copy forwarded to Department of Water Resources/ Superintending Engineer, Irrigation Division, Kendrapara for information and necessary action.

19.11.2024
Joint Secretary to Government

Memo No. 40457 /Rev & DM, Dated 20 NOV 2024

Copy forwarded to RDC(CD), Cuttack /Collector, Kendrapara / Land Acquisition Officer , Kendrapara for information and necessary action.

19.11.2024
Joint Secretary to Government

Memo No. 40458 /Rev & DM, Dated 20 NOV 2024

Copy forwarded to the State Co-ordinator ,Nabakrushna Choudhury Centre for Development Studies ,Bhubaneswar ( *email: ncdsbbsr1987@gmail.com* ) for information and necessary action.

19.11.2024
Joint Secretary to Government

Memo No. 40459 /Rev & DM, Dated 20 NOV 2024

Copy forwarded to the E-Governance Branch with a request to upload the Notification in the website.

19.11.2024
Joint Secretary to Government